## ଚିତ୍ରଶିଳ୍ପୀ ସଂଘର ସାଧାରଣ ବୈଠକ

ବାଲିଗୁଡା,(ଡି.ଏନ.ଏ.): ବାଲିଗୁଡା ସ୍ଥିତ ବିଜୁପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ସ୍ଥାନୀୟ ବ୍ଲକ ଚିତ୍ରଶିଳ୍ପୀ ସଂଘର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାଧାରଣ ସମ୍ପାଦକ ଦୁର୍ଗା ଚରଣ ସାହାଣୀଙ୍କ ଆହ୍ୱାନ କ୍ରମେ ଆୟୋଜିତ ବୈଠକରେ ଜିଲ୍ଲା ଚିତ୍ରଶିଳ୍ପୀ ସଂଘର ସଭାପତି ପ୍ରମୋଦ କୁମାର ଦଣ୍ଡିଆ ଅଧକ୍ଷତା କରିଥିଲେ। ବାଲିଗୁଡା ବ୍ଲକ ସଭାପତି ସୁବ୍ରତ କୁମାର ପ୍ରଧାନୀ, ଉପ ସଭାପତି ପ୍ରକାଶ ସାହାଣୀ, ସହ ସମ୍ପାଦକ ସାଗର କହଁର, କୋଷାଧକ୍ଷ ଅଶ୍ୱିନୀ ବିଶୋଇ, ବରିଷ୍ଠ ଚିତ୍ରଶିଳ୍ପୀ ଶ୍ୟାମ ଘନ ସାହୁ, ସୁବଳ ନାୟକ, ସୁମନ ଦଣ୍ଡିଆ, ବରିଷ୍ଠ କଳାକାର ପ୍ରମୋଦ କୁମାର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଚିତ୍ରଶିଳ୍ପୀ ସଙ୍ଗଠିତ ହେବାକୁ ଆଲୋଚନା ହୋଇଥିଲା। ଶେଷରେ ସହ ସମ୍ପାଦକ ସାଗର କହଁର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଯୁବକ ମୃତ

**ଗୋପାଳପୁର,୨୧(ଡି.ଏନ.ଏ.):** ଗୋଳନ୍ଥରା ଥାନା ଅଧୀନ ସୋରଳ ଜଙ୍କସନ ନିକଟରେ ରବିବାର ବାଇକ ସହ ଟ୍ରକ ଧକ୍କା ହୋଇ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁମାଣ୍ଡି ଗ୍ରାମର ମହେନ୍ଦ୍ର ଦାସ (୨୨)। ମହେନ୍ଦ୍ର ବାଇକ୍ ଯୋଗେ ମଧାହ୍ନରେ କୌଣସି କାମ ନେଇ ସୋରଳ ଜଙ୍କଶନ ଆସୁଥିବା ବେଳେ ଦ୍ରୁତଗତିରେ ଏକ ଟ୍ରକ ଆସି ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲେ। ଏ ନେଇ ନଂ. ୩/୨୨ରେ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ି ପୋଲିସ ଜବତ କରିଛି।

### ଦୁଇ ଦୁର୍ଘଟଣାରେ ୨ ମୃତ

**ଭଞ୍ଜନଗର,୨୧(ଡି.ଏନ.ଏ):** ଭଞ୍ଜନଗର ଓ ବେଲଗୁଣ୍ଠା ଥାନା ଅଞ୍ଚଳରେ ରବିବାର ୨ଟି ଦୁର୍ଘଟଣାରେ ୨ ଜଣ ମୃତ୍ୟୁ ଘଟିଛି। ଭଞ୍ଜନଗର ଥାନା ଅନ୍ତର୍ଗତ ତୁଳସୀପଲ୍ଲୀରେ ଶନିବାର ରାତିରେ ଏକ ବାଇକ୍ ଧକ୍କାରେ ସତ୍ୟ ସେଠୀ (୭୨) ଗୁରୁତର ହୋଇଥିଲେ। କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ସେହିଭଳି ରବିବାର ବେଲଗୁଣ୍ଠା ଥାନା ଅନ୍ତର୍ଗତ ବାଣତୁମ୍ବ ଗ୍ରାମର ଗାନ୍ଧୀ ଡାକୁଆ (୫୨) ଗ୍ରାମ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଦେଇଛି।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଜଗନ୍ନାଥପ୍ରସାଦ,୨୧(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ଥାନା ଯାତ୍ରା କୁମୁଣ୍ଡି ଗ୍ରାମର ଜଣେ ବୃଦ୍ଧଙ୍କ ରବିବାର ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ତ୍ରିନାଥ ପ୍ରଧାନ। ତ୍ରିନାଥ ଶୌଚ ହେବା ନିମନ୍ତେ ଗ୍ରାମର ନିକଟ କୁଷୁମ ଗାଡ଼ିଆ ପୋଖରୀକୁ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ତ୍ରିନାଥ ଘରକୁ ନ ଫେରିବାରୁ ପରିବାର ଲୋକ ପୋଖରୀକୁ ଯାଇ ଖୋଜାଖୋଜି କରିବା ପରେ ତ୍ରିନାଥଙ୍କ ମୃତଦେହ ଭାସୁଥିବାର ଦେଖିବାକୁ ପାଇଥିଲେ। ତାଙ୍କୁ ପାଣିରୁ ବାହାର କରି ଜଗନ୍ନାଥପ୍ରସାଦ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତ୍ରିନାଥଙ୍କୁ ମୃତ ଘୋଷଣା କରିଥିଲେ। ଜଗନ୍ନାଥପ୍ରସାଦ ପୋଲିସ ମେଡିକାଲରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଆଜିଠୁ ୧୫ରୁ ୧୮ ବୟସ୍କ ପିଲାଙ୍କୁ କରୋନା ଟିକା

**ଫୁଲବାଣୀ ଅଫିସ, ୨୧:** କନ୍ଧମାଳ ଜିଲାରେ ସୋମବାରରୁ ୧୫-୧୮ ବୟସ୍କ ପିଲାଙ୍କୁ କୋଭିଡ ଟିକାକରଣ କରାଯିବ। ଏଥିପାଇଁ ମେଡିକାଲ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ଏବଂ ଫୁଲବାଣୀରେ ବିଜୁ କଲ୍ୟାଣ ମଣ୍ଡପରେ ଏହି ଟିକା ଦିଆଯିବାକୁ ସ୍ଥିର କରାଯାଇଛି। ଅନ୍ୟପକ୍ଷରେ ଫୁଲବାଣୀ ସହରରେ ଏକ ଭ୍ରାମ୍ୟମାଣ ଦଳ ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନକୁ ଯାଇ ଟିକାକରଣ କରିବେ। ଏ ନେଇ ଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ବସି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାରେ ମୋଟ ୩୯ ହଜାର ୨୦୦ ଜଣଙ୍କୁ ଟିକାକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଟିକା ନେବା ପାଇଁ କୋଉଇନ ପୋର୍ଟାଲରେ ଅଗ୍ରୀମ ପଞ୍ଜୀକରଣ ଲାଗି ସ୍ଲଟ ଦିଆଯାଇଛି। ସମସ୍ତେ ଶୀଘ୍ର ପଞ୍ଜୀକରଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

### ଗୋଷାଣୀରେ ଧାନମଣ୍ଡି ଉଦ୍‌ଘାଟିତ

**ଗୋଷାଣୀ,୨୧**-ଗୋଷାଣୀ ବ୍ଲକ ଉପଲଡ଼ା ନିୟନ୍ତ୍ରଣ ବଜାରଠାରେ ରବିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିଥି ଭାବେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ତହସିଲଦାର ଅଚ୍ୟୁତାନନ୍ଦ ଜାନି, ସିଏସଓ ଶତ୍ରୁଘନ ଗିରି, ନିୟନ୍ତ୍ରଣ ବଜାର ସମ୍ପାଦକ, ବିଡିଓ ନୀଳମାଧବ ମାଝି ଉପସ୍ଥିତ ଥିଲେ। ଆଞ୍ଜେନେୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଉପସ୍ଥିତ ଥିଲେ।

### ରାମକୃଷ୍ଣଙ୍କ ଦଶାହରେ ଶ୍ରଦ୍ଧାଞ୍ଜଳି ଦେଲେ ସମର୍ଥକ

**ପୋଲସରା,୨୧(ଡି.ଏନ.ଏ.):** କୋଦଳା ନିର୍ବାଚନ ମଣ୍ଡଳୀର ଅପ୍ରତିଦ୍ୱନ୍ଦି ଜନନାୟକ ତଥା ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ଦଶାହ ଅବସରରେ ସମର୍ଥକମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଦଶାହ ପାଳନ ଅବସରରେ ଯଜ୍ଞ ନାରାୟଣ ସାହୁ, ଭାସ୍କର ନାହକ, ଗୋରାଚାନ୍ଦ ସାହୁ, ଶଙ୍କର ବିଶ୍ୱାଳ ପ୍ରମୁଖ ମୁଣ୍ଡନ ହୋଇଥିଲେ। ସୀମାଞ୍ଚଳ ସାହୁ, ଦୁର୍ଯ୍ୟୋଧନ ସାହୁ, ନୀଳମାଧବ ସାହୁ, ରୋହିତ ପ୍ରଧାନ, ଦାମ ସ୍ୱାଇଁ, ଶରତ ପାଣିଗ୍ରାହୀ, ରମେଶ ମିଶ୍ର ପ୍ରମୁଖ ସମର୍ଥକ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଓଡ଼ିଶାର ମିନି ତିବ୍ବତ ଗଜପତିର ଚନ୍ଦ୍ରଗିରି

**ଆର.ଉଦୟଗିରି/ପାରଳାଖେମୁଣ୍ଡି, ୨୧(ଡି.ଏନ.ଏ.)**

ଗଜପତି ଜିଲା ମୋହନା ବ୍ଲକ ଚନ୍ଦ୍ରଗିରିକୁ ଓଡ଼ିଶାର ମିନି ତିବ୍ବତ କୁହାଯାଏ। ଓଡ଼ିଶା ସହିତ ତିବ୍ବତୀୟ ସଂସ୍କୃତିର ମିଳନ ଘଟିଛି। ଚନ୍ଦ୍ରଗିରିଠାରେ ତିବ୍ବତୀୟମାନେ ୧୯୫୯ରେ ଚାଇନା ଆକ୍ରମଣ ପରେ ଶରଣାର୍ଥୀ ଭାବେ ଏଠାରେ ରହି ଆସିଛନ୍ତି। ସେହିଦିନଠାରୁ ଚନ୍ଦ୍ରଗିରିକୁ ହିଁ ନିଜର ନୂଆ ଠିକଣାରୂପେ ଗ୍ରହଣ କରିନେଇଛନ୍ତି। ପ୍ରାୟ ୭ହଜାରରୁ ଅଧିକ ଶରଣାର୍ଥୀ ପାଞ୍ଚ ଦଶନ୍ଧି ଧରି ଏଠାରେ ବସତି ସ୍ଥାପନ କରିବା ସହିତ ଚନ୍ଦ୍ରଗିରିକୁ ଆନ୍ତର୍ଜାତିକ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ନେପାଳ, ଭୁଟାନ ଓ ତିବ୍ବତର ଅନେକ ଲୋକ ରହିଛନ୍ତି, ଯେଉଁମାନେ ତିବ୍ବତୀୟ


ବୌଦ୍ଧ ମନ୍ଦିର।

ସଂସ୍କୃତି ଓ ହସ୍ତଶିଳ୍ପକୁ ଏଠାରେ ସମ୍ପୂର୍ଣ୍ଣ ରୂପେ ବିକଶିତ କରିପାରିଛନ୍ତି। ଏଠାରେ ଏମାନେ ଉନ୍ନତ ଧରଣର ମକାଚାଷ କରି ଜୀବିକା ନିର୍ବାହ କରିଆସୁଛନ୍ତି। ୨୦୦୩ରେ ଚନ୍ଦ୍ରଗିରି ନିକଟସ୍ଥ ଜିରାଙ୍ଗଠାରେ ବିଶାଳ ବୌଦ୍ଧ ମନ୍ଦିର ଆରମ୍ଭ ହୋଇଥିଲା। ତାହାକୁ ୨୦୧୦ ଜାନୁୟାରୀରେ ଧର୍ମଗୁରୁ ଦଲାଇଲାମା ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୫ ଏକର ଜମିରେ ନିର୍ମିତ ଏହି ମନ୍ଦିର ଏସିଆର ଦ୍ୱିତୀୟ ବୃହତ୍ତମ ବୌଦ୍ଧ ମନ୍ଦିର। ସେଠାରେ ବହୁ ବୌଦ୍ଧ ସନ୍ନ୍ୟାସୀ ରହୁଥିବା ସହ ପ୍ରାର୍ଥନା ଗୃହ, ପ୍ରଶାସନିକ କକ୍ଷ, ସମ୍ମିଳନୀ କକ୍ଷ ଓ ପାଠାଗାର ଆଦି ରହିଛି। ମନ୍ଦିରର ସବୁଠାରୁ ଆକର୍ଷଣ ହେଉଛି ବୁଦ୍ଧଙ୍କ ବିରାଟ ସ୍ୱର୍ଣ୍ଣ ଆକୃତିର ପ୍ରତିମୂର୍ତ୍ତି। ଏହାର ଦୁଇ ପାଖରେ ଅବଲୋକିତେଶ୍ୱର ଓ ପଦ୍ମସମ୍ଭବଙ୍କ ପ୍ରତିମୂର୍ତ୍ତି ମଧ୍ୟ ପୂଜା ପାଉଛନ୍ତି। ଏଠାକୁ ବହୁ ସଂଖ୍ୟାରେ ଜାତୀୟ ଓ ଆନ୍ତର୍ଜାତିକ ପର୍ଯ୍ୟଟକ ବିଶେଷକରି ବୌଦ୍ଧ ପର୍ଯ୍ୟଟକ ଆସିଥାନ୍ତି। ବର୍ଷସାରା ଏଠାରେ ପର୍ଯ୍ୟଟକ ଓ ଦର୍ଶକଙ୍କ ଭିଡ଼ ଜମେ। ତେବେ ଶୀତଦିନେ ଏଠାରେ ପର୍ଯ୍ୟଟକ ଓ ଦର୍ଶକ ସଂଖ୍ୟା ଅଧିକ ପରିମାଣରେ ଦେଖାଯାଏ। କାରଣ ଶୀତଦିନେ ଏଠାକାର ଜଳବାୟୁ ଅତ୍ୟନ୍ତ ଆମୋଦ ଦାୟକ। ଏଥିସହ ତିବ୍ବତ ମନ୍ଦିର ନିକଟରେ ପାହାଡ ଉପରୁ ବହି ଆସୁଥିବା ଖସଡା ଝରଣାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନୋମୁଗ୍ଧକର, ଯାହା ଦର୍ଶକ ଓ ପର୍ଯ୍ୟଟକମାନଙ୍କ ଅନ୍ୟ ଏକ ମୁଖ୍ୟ ଆକର୍ଷଣୀୟ ସ୍ଥଳୀ । ଏଠାରେ ପ୍ରତ୍ୟେକେ ବଣଭୋଜି କରି ମଜା ନିଅନ୍ତି। ବାହାରୁ ଆସୁଥିବା ଦର୍ଶକ ଓ ପର୍ଯ୍ୟଟକ ରହିବା ପାଇଁ ତିବ୍ବତୀୟ ମନ୍ଦିର ମଧ୍ୟରେ ଗେଷ୍ଟ ହାଉସ୍ ଏବଂ ବିଭିନ୍ନ ପ୍ରକୋଷ୍ଠର ବ୍ୟବସ୍ଥା ରହିଛି। ଭୁବନେଶ୍ୱରଠାରୁ ଚନ୍ଦ୍ରଗିରିର ଦୂରତା ପ୍ରାୟ ୨୬୦ କିମି । ଚନ୍ଦ୍ରଗିରିଠାରେ ରହୁଥିବା ତିବ୍ବତୀୟମାନେ କହିଛନ୍ତି ଯେ ବର୍ତ୍ତମାନ ଏହା ଆମର ଜନ୍ମମାଟି ଠାରୁ ଅଧିକ ଆଦରଣୀୟ । ଏଠି ଆମକୁ ନିଜ ଦେଶରେ ରହିବା ଭଳି ଲାଗୁଛି।

## ଅଘରୀ ନାହାକ ହତ୍ୟା ଘଟଣାରେ ୨ ଗିରଫ



**ଖଲ୍ଲିକୋଟ,୨୧(ଡି.ଏନ.ଏ.)**

ଖଲ୍ଲିକୋଟ ଥାନା ଶିଆଳିପାଟ ଓ ରାଇପଡ଼ା ରାସ୍ତାରେ ଗତ ଡିସେମ୍ବର ୬ ତାରିଖ ରାତିରେ ହୋଇଥିବା ଅଘରୀ ନାହାକ ହତ୍ୟାକାଣ୍ଡ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ରାମଚନ୍ଦ୍ରପୁର ସିଆଳିଆପାଟ ଗ୍ରାମର ସାଗର ସାହୁ ଓ ଘୋଡ଼ାପଡ଼ା ଗ୍ରାମର ରାଜେଶ ଜାନି। ଭିକାପଡ଼ା ଗ୍ରାମର ଅଘରୀ ନାହାକ ଏବଂ କୈରାଶି ଗ୍ରାମର ରାଜେଶ ପ୍ରଧାନ ମିଶି କୁରୁମିପୁର ଗ୍ରାମରୁ ନିଜ ଗ୍ରାମ ଫେରୁଥିବା ବେଳେ ରାସ୍ତାରେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅଘରୀ ନାହାକଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜେଶ ପ୍ରଧାନ ଗୁରୁତର ଆହତ ହୋଇଥିଲେ। ଖଲ୍ଲିକୋଟ ପୋଲିସ ନଂ. ୭୩୬/୨୧ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ୨୭ ଦିନ ପରେ ପୋଲିସ ସାଗର ଓ ରାଜେଶଙ୍କୁ ହତ୍ୟାକାରୀଙ୍କୁ ଖବର ଦେବା ଅଭିଯୋଗରେ ଗିରଫ କରିଛି। ମୁଖ୍ୟ ୫ ଅଭିଯୁକ୍ତ ବର୍ତ୍ତମାନ ସୁଦ୍ଧା ଫେରାର ଅଛନ୍ତି। ସେମାନଙ୍କୁ ଶୀଘ୍ର ଧରାଯିବ ବୋଲି ରବିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଖଲ୍ଲିକୋଟ ପୋଲିସ ପ୍ରକାଶ କରିଛି।

# ଅଙ୍ଗନୱାଡି କର୍ମୀ ସଂଘର ବାର୍ଷିକ ସମ୍ମିଳନୀ


ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ଆସିକା,୨୧(ଡି.ଏନ.ଏ)**

ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ଆସିକା ଶାଖାର ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ ସିନେମା ହଲ ପରିସରରେ ଅନୁଷ୍ଠିତ ହୋଇଥିଲା। ସଂଘର ସଭାନେତ୍ରୀ କେ. ଅନୁସୂୟା ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଶିକ୍ଷକ ନେତା ପୀତବାସ ମହାପାତ୍ର, ପୋଲିସ ସବ ଇନିସପେକ୍ଟର ଶ୍ରଦ୍ଧାଞ୍ଜଳୀ ସେନାପତି, ନାରାୟଣ ଜେନା, ରାଜେନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଆଡଭୋକେଟ ବିଦେଶି ନାହାକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ମିଳନୀରେ ସଂଘ ପକ୍ଷରୁ ସମସ୍ତ କର୍ମୀ ଓ ସହାୟିକାଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ସର୍ବନିମ୍ନ ମଜୁରୀ ୧୮ହଜାର, କର୍ମୀ ଓ ସହାୟିକାଙ୍କୁ ସ୍ୱାସ୍ଥ୍ୟ ବୀମା ରାଶି ପ୍ରଦାନ ଓ ସାମାଜିକ ସୁରକ୍ଷା ଯୋଗାଣ, ସମସ୍ତଙ୍କ ଲାଗି ଇପିଏଫ ବ୍ୟବସ୍ଥା ଓ ଅବସରକାଳୀନ ଭତ୍ତା ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ବିନା ପାଉଣାରେ ଜବରଦସ୍ତ ଭାବେ ନିୟୋଜିତ ନ କରିବାକୁ ଦାବି କରାଯାଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଅନୁସୂୟା ରେଡ୍ଡୀ ସଭାନେତ୍ରୀ, ସସ୍ମିତା ପାଠୀ ଉପ-ସଭାନେତ୍ରୀ, ଗୀତାଞ୍ଜଳୀ ପ୍ରଧାନ ସମ୍ପାଦିକା, ସୁନନ୍ଦା ରଥ ସହ-ସମ୍ପାଦିକା ଏବଂ ଝୁନୁ ପାଢୀ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ।

# ନବୋଦୟ ବିଦ୍ୟାଳୟରେ କଳା କାର୍ଯ୍ୟଶାଳା ଉଦ୍‌ଯାପିତ

**ପାତ୍ରପୁର,୨୧(ଡି.ଏନ.ଏ.)**

ପାତ୍ରପୁର ବ୍ଲକ ସୁରଙ୍ଗୀ ଜବାହର ନବୋଦୟ ବିଦ୍ୟାଳୟଠାରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଯୋଡ଼ିଶଙ୍ଖ କାର୍ଯ୍ୟକ୍ରମର କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଉପାଧକ୍ଷା ବନିତା କରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ସଂସ୍କୃତି ବିଭାଗ ଅଧିକାରୀ ଏ.କେ. ସେଠୀ, ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ବିଘ୍ନେଶ୍ୱର ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ରବୀନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ଯୋଡିଶଙ୍ଖ, ରଣପାନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧାପକ କେ.ଆର. ସୋଲାଙ୍କି, କ୍ରୀଡ଼ା ଅଧାପକ ସୂର୍ଯ୍ୟକାନ୍ତ ଘଡେଇ, ସଙ୍ଗୀତ ଅଧାପିକା ପଦ୍ମଜା ବେହେରା ସଂଯୋଜନା କରିଥିଲେ। ବିଦ୍ୟାଳୟ ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଭୋପାଳ ରେଜିଆନ ଦ୍ୱାରା ଶିକ୍ଷଣୀୟ ବିଭାଗ ଦକ୍ଷତା ପାଇଁ ଇଂଲିଶ ଅଧାପକ କେ. ଆର. ସୋଲାଙ୍କି. ଓଡ଼ିଆ ବିଭାଗ ଅଧାପକ ଗଦାଧର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ରାଜେନ୍ଦ୍ର ପାତ୍ର ଛାତ୍ରୀଛାତ୍ରମାନଙ୍କୁ ଯୋଡ଼ିଶଙ୍ଖ ତାଲିମ ପ୍ରଦାନ କରିଥିଲେ।

# ଧରାକୋଟରେ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଥାନାଧିକାରୀ ଉମାକାନ୍ତ ସାହୁ ଓ ଅନ୍ୟମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ଧରାକୋଟ,୨୧(ଡି.ଏନ୍.ଏ.)**

ଧରାକୋଟ ସ୍ଥିତ ମିନି ଷ୍ଟାଡିୟମ ପରିସରରେ ନବମ ତାପସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଥାନାଧିକାରୀ ଉମାକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନିଲ ଚନ୍ଦ୍ର ଗୌଡ଼ ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ହୃଦାନନ୍ଦ ଜେନା, ପୂର୍ଣ୍ଣଚନ୍ଦ୍ର ନାୟକ, ପୂର୍ବତନ ଖେଳାଳୀ ମିନକେତନ ସ୍ୱାଇଁ, ତ୍ରିମଲ ରାଓ ଦୋରା ଯୋଗ ଦେଇଥିବା ବେଳେ ସାମ୍ବାଦିକ ବିଷ୍ଣୁ କେଶରୀ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ। ବାପୁନି ସ୍ୱାଇଁ ଓ ଦିଲୀପ କୁମାର ପ୍ରଧାନ, ଜ୍ୟୋତି ରଞ୍ଜନ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଥମ ଦିନରେ ଟସ ଜିଣି ଆସିକା ପେନୋସୋନିକ୍ ଦଳ ୧୪୨ ରନ ସଂଗ୍ରହ କରିଥିବା ବେଳେ, ଶେରଗଡ଼ ରାଜବଂଶ କ୍ରିକେଟ କ୍ଲବ ୧୨୫ ରନ କରି ପରାଜୟ ହୋଇଥିଲା। ବିଜୟୀ ଦଳର ଚଉଶିନ ଅଲ୍ଲୀ ୫୩ ରନ ସଂଗ୍ରହ କରିଥିବା ବେଳେ ଗୋଟିଏ ଉଇକେଟ ସଂଗ୍ରହ କର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ।

## ଆର୍‌ଆଇ ଅଫିସ, ଲାଞ୍ଚ ନ ଦେଲେ ଫାଇଲ ଘୁଞ୍ଚୁନି

**ବୁଗୁଡ଼ା,୨୧(ଡି.ଏନ.ଏ.)**

ବୁଗୁଡ଼ା ଆରଆଇ କାର୍ଯ୍ୟାଳୟରେ ବିନା ଲାଞ୍ଚରେ କୌଣସି କାମ ହେଉ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ କାମରେ ଆରଆଇ କାର୍ଯ୍ୟାଳୟକୁ ଯାଉଥିବା ଆବେଦନକାରୀଙ୍କୁ ପ୍ରଥମେ ବିଭିନ୍ନ ଆଳ ଦେଖାଇ ବାରମ୍ବାର ଦୌଡ଼ାଉଛନ୍ତି ଏବଂ ଲାଞ୍ଚ ପାଇଗଲା ପରେ କାମ କରୁଥିବା ଏବଂ ଯିଏ ଟଙ୍କା ନ ଦିଏ ତାଙ୍କୁ ଖରାପ ବ୍ୟବହାର କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ତହସିଲଦାର ସଂଗ୍ରାମ କେଶରୀ ଜେନା ସମ୍ପୃକ୍ତ ଆରଆଇଙ୍କୁ ତାଗିଦ୍ କରିଥିଲେ ହେଁ ତାଙ୍କ ସ୍ୱଭାବରେ ପରିବର୍ତ୍ତନ ଆସୁନି। ଏପରି ଆରଆଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳଙ୍କଠାରୁ ୫-ଟି ସଚିବ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କ ନିକଟରେ ଲୋକେ ଅଭିଯୋଗ କରିଥିବା ଜଣାପଡିଛି। ଏ ନେଇ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କୁ ପଚାରିବାରୁ ସେ ଆରଆଇଙ୍କୁ ପୁଣି ତାଗିଦ୍ କରିବେ ବୋଲି କହିଛନ୍ତି।

# କାମରେ ଲାଗୁନି ବିଜୁ ସ୍ୱାସ୍ଥ୍ୟ କାର୍ଡ

**ଆର.ଉଦୟଗିରି, ୨୧(ଡି.ଏନ.ଏ.)**

### କର୍କଟ ରୋଗରେ ପୀଡିତ ଝୁନୁ

ଗଜପତି ଜିଲା ମୋହନା ବ୍ଲକ କର୍ଚ୍ଚବାଡି ପଞ୍ଚାୟତ ଅଧୀନ କନ୍ଧ ଅଡବା ଗ୍ରାମର ଝୁନୁ ପାଇକ (୪୫) ଦୀର୍ଘ ୯ ମାସ ହେଲା ମୁଖ ଗହ୍ୱର କର୍କଟ ରୋଗରେ ପୀଡିତ। ମାର୍ଚ୍ଚ ୨୦୨୧ରେ ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାପରେ ଡାକ୍ତର ତାଙ୍କୁ କଟକ କର୍କଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାକୁ ଯିବା ପରେ ତାଙ୍କୁ ଚିକିତ୍ସା ହେବା ପାଇଁ ଶର୍ଯ୍ୟା ମିଳିନଥିଲା। ଫଳରେ ସେ ବାଧହୋଇ ବାହାରେ ୪୫ ଦିନ ରହି ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ତାପରେ ପରେ ରାଜ୍ୟରେ କରୋନା ପାଇଁ ଲକଡାଉନ ଘୋଷଣା ହେବାରୁ କଟକକୁ କାର ଯୋଗେ ଭଡାରେ ଯାଇ ୨୫ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ସେଠାରେ ଝୁନୁଙ୍କୁ ଠିକ ଭାବରେ ଚିକିତ୍ସା ନ ମିଳିବାରୁ ସ୍ୱାମୀ ଅନ୍ତର୍ଯ୍ୟାମୀ ପାଇକ ଧାର କରି କଟକ ଅନ୍ୟ ଏକ କର୍କଟ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ସେଠାରେ ଝୁନୁ ୫ ଦିନ ରହି ୧୫ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ଅର୍ଥର ଅଭାବ ଯୋଗୁ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡ ଗତ ନଭେମ୍ବରରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦେଖାଇଥିଲେ। ତଥାପି ତାଙ୍କୁ ସିଧା ସିଧା ମନା କରାଯାଇଥିଲା। ଏହି କାର୍ଡରେ ସୁବିଧା ଏଠାରେ ଉପଲବ୍ଧ ନୁହେଁ। ନଗଦ ଅର୍ଥ ନ ଦେଲେ ଚିକିତ୍ସା ହୋଇପାରିବ ନାହିଁ। ଫଳରେ ଅର୍ଥର ଘୋର ଅଭାବ ଯୋଗୁ ସେ ଏବେ ନିଜ ଘରେ ରହି ଚେରମୂଳି ଔଷଧ ସେବନ କରୁଛନ୍ତି। ଏ ନେଇ ଅନ୍ତର୍ଯ୍ୟାମୀ କହିଛନ୍ତି ମୁଁ ଜଣେ ଦୀନ ମଜୁରିଆ। ମୋ ପାଖରେ ଅର୍ଥର ଘୋର ଅଭାବ। ମୋ ପାଖରେ ରହିଛି ବିଜୁ ସ୍ୱାସ୍ଥ୍ୟ କାର୍ଡ, ଜବ୍ କାର୍ଡ, ପଡି କାର୍ଡ। ତଥାପି ପ୍ରଶାସନର ସହାୟତା ମଳୁନାହିଁ। ସରକାରଙ୍କ ସମସ୍ତ ପ୍ରକାର ଯୋଜନା ମୋ ପାଖରେ ଥାଇ ମଧ ମୋତେ ସରକାରୀ ଆବାସ ନମିଳିବା ଦୁଃଖର ବିଷୟ ବୋଲି ଅନ୍ତର୍ଯ୍ୟାମୀ କହିଛନ୍ତି। ଝାଟିମାଟିର ଟିଣ ଛପର ଘରେ ସେ ଦହନୀୟ ଭାବେ ପରିବାର ସହିତ ରହୁଛନ୍ତି।

# ଜିଲାସ୍ତରୀୟ ଧାନ କ୍ରୟ ମଣ୍ଡି ଉଦ୍‌ଘାଟିତ

**ପାରଳାଖେମୁଣ୍ଡି,୨୧(ଡି.ଏନ୍.ଏ.)**

ଗଜପତି ଜିଲା ସ୍ତରୀୟ ଧାନ କ୍ରୟ ମଣ୍ଡି ସ୍ଥାନୀୟ ଗୋଷାଣି ବ୍ଲକ ଅନ୍ତର୍ଗତ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣ, ଉପଲଡଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଲିଙ୍ଗରାଜ ପଣ୍ଡା ଯୋଗ ଦେଇ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ଦ୍ୱାରା ଉଦ୍‌ଘାଟିତ କରାଇଥିଲେ। ସଂଗ୍ରାମ ଶେଖର ପଣ୍ଡା, ଅତିରିକ୍ତ ଜିଲାପାଳ ଗଜପତି ମିଶନ ଶକ୍ତି ମାଧମରେ ବିଭିନ୍ନ ସରକାରୀ ବିଭାଗ ସହଭାଗିତାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ କାର୍ଯ୍ୟ ଦିଆଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତହସିଲଦାର ଗୋଷାଣି ଅଚ୍ୟୁତାନନ୍ଦ ଜାନି, ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ମାଝି, ଜିଲା ଯୋଗାଣ ଅଧିକାରୀ ଶତ୍ରୁଘନ ଗିରି, ଏଆର୍‌ସିଏସ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଚେତନତା ରଥ ଓ ଚାଷୀ ଭୋଜନାଳୟର ଶୁଭାରମ୍ଭ ହୋଇଥିଲା। ଜିଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ରଶ୍ମି ରଞ୍ଜନ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମନ୍ଦିରରୁ ଚନ୍ଦନ ଗଛ କାଟି ନେଲେ ଦୁର୍ବୃତ୍ତ



**ଫୁଲବାଣୀ ଅଫିସ,୨୧**

ନୂଆ ବର୍ଷରେ ଫୁଲବାଣୀ ଜଗନ୍ନାଥ ମନ୍ଦିର ପାର୍ଶ୍ୱ ନିଗମାନନ୍ଦ ପରମହଂସଦେବଙ୍କ ଆସନ ମନ୍ଦିର ପରିସରରୁ ରବିବାର ୪ଟି ବଡ ଚନ୍ଦନ ଗଛକୁ ଦୁର୍ବୃତ୍ତ କାଟି ନେଇଛନ୍ତି। ସେମାନେ ଦୁଇଟି ଗଛ ନେଇ ଯିବାରେ ସକ୍ଷମ ହୋଇଥିବା ବେଳେ ବାକି ଦୁଇଟି ଛାଡି ଚାଲି ଯାଇଛନ୍ତି। ଗଛର ମୋଟେଇ ଦୁଇ ଫୁଟରୁ ଅଧିକ ହେବ। ରବିବାର ସ୍ଥାନୀୟ ଲୋକେ ଚନ୍ଦନ ଗଛ କଟାଯାଇଥିବା ଦେଖି ନିଗମାନନ୍ଦ ଆଶ୍ରମର ଭିକାରୀ ବାଉନ୍ତିଆଙ୍କୁ ଖବର ଦେଇଥିଲେ । ସେ ଆସି ଚନ୍ଦନ ଗଛ କଟାଯାଇଥିବା ଦେଖିବା ପରେ ଟାଉନ ଥାନା ପୋଲିସର ଅପାରଗତା ଯୋଗୁ ଏପରି ହେଉଥିବା କହିଥିଲେ। ସୂଚନାଯୋଗ୍ୟ, ଗତ କିଛିଦିନ ହେବ ଫୁଲବାଣୀ ସହରର ବିଭିନ୍ନ ସ୍ଥାନରେ ଚୋରି ଉଦ୍ୟମ ହେଉଛି। ଗତ ସପ୍ତାହେ ହେବ ଟାଉନ ଥାନା ପାଖରୁ ୨୦୦ ମିଟର ଦୂର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଏକ ବାଇକ ସ୍ପେୟାର ପାର୍ଟ୍ସ ଦୋକାନର ଶଟରକୁ ଚୋର ତାଡି ଦେଇଥିଲେ । ସେହିପରି ଡିଆରଡିଏ ଛକ ପାଖରେ ଥିବା ଦୁଇ ତିନିଟି ଦୋକାନରୁ ବାରମ୍ବାର ଚୋରି ହୋଇଥିଲେ ହେଁ ପୋଲିସ ଆଜି ଯାଏ କାହାରିକୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ଯଦି ଆଗକୁ ଏପରି ପରିସ୍ଥିତି ଉପୁଜିବ ତାହାଲେ ପୋଲିସ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

# ଭଞ୍ଜନଗର କଲେଜରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ଭଞ୍ଜନଗର,୨୧(ଡି ଏନ ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟ ପକ୍ଷରୁ ରବିବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ଅଧକ୍ଷତା କରି ବିଶ୍ୱବିଦ୍ୟାଳୟର ଇତିହାସ ସମ୍ପର୍କରେ କହିଥିଲେ। ପ୍ରାଧାପକ ଡ. ରବୀନ୍ଦ୍ର ନାଥ ପାଳ, ଡ. ପୀତବାସ ପାଳ, ବିଭୂତି


ବିଭୂତି ଭୂଷଣ ପାଣିଗ୍ରାହୀ ଉଦ୍‌ବୋଧନ ଦେଉଛନ୍ତି।

ଭୂଷଣ ପାଣିଗ୍ରାହୀ, ଅଧାପକ ଅମିୟ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରାଧାପକ ସାତ୍ୟକି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଖାରିଗୁମାରେ ପାନୀୟ ଜଳ, ରାସ୍ତା ନ ହେଲେ ଭୋଟ ବର୍ଜନ

**ଆର.ଉଦୟଗିରି, ୨୧ (ଡି.ଏନ୍.ଏ.)**

### ବ୍ଲକ ଘେରାଉ ଚେତାବନୀ

ଗଜପତି ଜିଲା ମୋହନା ବ୍ଲକ ବିଭିନ୍ନ ପଞ୍ଚାୟତର ଜନସାଧାରଣଙ୍କ ବ୍ଲକକୁ ଯାତାୟାତ କରିବା ପାଇଁ ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ବଡ଼ସିନ୍ଧବା ପଞ୍ଚାୟତ ଖାରିଗୁମା ଗ୍ରାମର ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଲୋକ ଦୀର୍ଘଦିନ ଧରି ରାସ୍ତା ଓ ପାନୀୟ ଜଳକଷ୍ଟ ଅନୁଭବ କରି ଆସୁଛନ୍ତି। ଏ ସମ୍ପର୍କରେ ପୂର୍ବତନ ଜିଲାପାଳ, ବିଡିଓ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଲିଖିତ ଓ ମୌଖିକ ଭାବେ ଜଣାଇ ଆସୁଛନ୍ତି। ପ୍ରଶାସନ ସେମାନଙ୍କୁ କିଛିଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ବିଭିନ୍ନ ସମୟରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଆସୁଛି, କିନ୍ତୁ ଫଳ ଶୂନ। ଖାରିଗୁମା ଗ୍ରାମକୁ ଯାଇଥିବା ରାସ୍ତା ଉପରେ ତିନୋଟି ପଞ୍ଚାୟତ ବାଘମାରି, ବଡ଼ସିନ୍ଧବା ଓ ଯୁବ ପଞ୍ଚାୟତର ୨୦ରୁ ୨୫ ଗ୍ରାମର ଶହଶହ ଲୋକେ ରାତି ପାହିଲେ ବିଭିନ୍ନ କାମରେ ଯିବାଆସିବା କରିଥା'ନ୍ତି। କିନ୍ତୁ ଖାରିଗୁମା ଗ୍ରାମଠାରୁ ମୋହନାକୁ ସଂଯୋଗ କରୁଥିବା ୨ କି.ମି. ରାସ୍ତା ଶୋଚନୀୟ ହୋଇପଡିଛି। ରୋଗୀ ଓ ପ୍ରସୂତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା କଷ୍ଟକର


ଦାବିପତ୍ର ପ୍ରଦାନ କରୁଛନ୍ତି ଗ୍ରାମବାସୀ ।

ହୋଇପଡୁଛି। ସେହିଭଳି ଗ୍ରାମରେ ରହିଥିବା ୪ ସାହିରେ ମାତ୍ର ୪ ନଳକୂପ ରହିଛି, ଯାହାକି ଖରାଦିନେ ଜଳସ୍ତର କମିବା ଫଳରେ ପାନୀୟ ଜଳ ଠିକ୍ ଭାବେ ପାଇବା ସମ୍ଭବ ହୋଇପାରୁନି। ନଳକୂପରୁ କଳଙ୍କି ଓ ଦୂଷିତ ଜଳ ବାହାରୁଛି। ସେହି ଜଳ ପିଇ ଲୋକେ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଣୁ ପାନୀୟ ଜଳ ଓ ରାସ୍ତା ସମସ୍ୟାର ସମାଧାନ ଯଦି ୧୦ ଦିନ ମଧ୍ୟରେ ପୂରଣ କରା ନ ଯାଏ, ତେବେ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ ଓ ବ୍ଲକ ଘେରାଉ କରିବେ ବୋଲି ଲିଖିତ ଅଭିଯୋଗ କରି ବୁଧବାର ମୋହନା ବିଡିଓ ତପସ୍ୱିନୀ ହାସଁଦାଙ୍କୁ ଦେଇଛନ୍ତି।

## ଦ୍ୱିତୀୟ ବାର୍ଷିକ ହିନ୍ଦୁସ୍ଥାନ ଫୁଟବଲ କପ ଉଦ୍‌ଯାପିତ

ବାଲିଗୁଡା,(ଡି.ଏନ.ଏ.): ବାଲିଗୁଡ଼ା ଉପଖଣ୍ଡ କ.ନୂଆଗାଁ ବ୍ଲକ ଚଞ୍ଚଳା ସାହିସ୍ଥିତ ଖେଳ ପଡିଆଠାରେ ହିନ୍ଦୁସ୍ଥାନ ଫୁଟବଲ କପର ଦ୍ୱିତୀୟ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ସମ୍ମାନିତ ଅତିଥି ଭାବେ କ.ନୂଆଗାଁ ପଞ୍ଚାୟତ ସମିତି ଅଧକ୍ଷ ସୁଲୋଚନା ଦଳବେହେରା, ବଣ୍ଡଗୁଡ଼ା ସରପଞ୍ଚ ସଙ୍ଗୀତା ନାଏକ, ଜିରିଡି କିଆ ସରପଞ୍ଚ ମହାଦେବ ପ୍ରଧାନ, ବ୍ଲକ ବିଜେଡି ସଭାପତି ବାସୁଦେବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚରେ ଗୁଟିଙ୍ଗିଆ ଫୁଟବଲ ଦଳ ହିନ୍ଦୁସ୍ଥାନ ଫୁଟବଲ ଦଳକୁ ୩ - ୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଅତିଥିମାନଙ୍କ ଦ୍ୱାରା ବିଜେତା ଦଳକୁ ୫୧୫୧ ଟଙ୍କା ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ଦଳକୁ ଟ୍ରଫି ସହ ୩୧୫୧ ଟଙ୍କା ରାଶି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ପ୍ରସାର ପରିଚାଳକଙ୍କଂ ମାତୃ ବିୟୋଗ



ବ୍ରହ୍ମପୁର ଅଫିସ୍,୨୧:ଧରିତ୍ରୀ ବ୍ରହ୍ମପୁର ସଂସ୍କରଣ ପ୍ରସାର ପରିଚାଳକ ମଳୟ ସାହୁଙ୍କ ମା'ବିଷ୍ଣୁପ୍ରିୟା ସାହୁ(୬୪)ଙ୍କ ଶନିବାର ରାତି ପ୍ରାୟ ୧୦ଟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ନିଜ ଗ୍ରାମ କୁକୁଡ଼ାଖଣ୍ଡି ବ୍ଲକ ପାଣ୍ଡିଆଝୋଲିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ ଓ ଝିଅ ଉପସ୍ଥିତ ଥିଲେ।

### ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ ୨ ଦିନ ଶୀତ ଲହରି

ଭୁବନେଶ୍ୱର, ୨୧(ବ୍ୟୁରୋ): ରାଜ୍ୟରେ ଏବେ ଶୀତ ଆହୁରି ବଢ଼ିବ। ଆସନ୍ତା ଦୁଇଦିନ ୨ରୁ ୩ଡିଗ୍ରୀ ତାପମାତ୍ରା କମିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ତଥ୍ୟାନୁସାରେ, ରବିବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୮ଡିଗ୍ରୀ ସେଲସିୟସ ରହିଥିଲା। ସେହିପରି କେନ୍ଦୁଝରରେ ୯.୬, ଝାରସୁଗୁଡ଼ା ୧୦.୪, ଟିଟିଲାଗଡ଼ ୧୦.୮, ଭବାନୀପାଟଣା ୧୧, ଫୁଲବାଣୀ ୧୧, ବାରିପଦା ୧୧.୮, ଚାନ୍ଦବାଲି ୧୨, ବାଲେଶ୍ୱର ୧୨.୫, ହୀରାକୁଦ ୧୨.୬, ତାଳଚେର ୧୩, କଟକ ୧୩.୨, କୋରାପୁଟ ୧୩.୫, ବଲାଙ୍ଗୀର ୧୩.୮, ସୁବର୍ଣ୍ଣପୁର ୧୩.୯, ଭୁବନେଶ୍ୱରରେ ୧୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଦୁଇଦିନ ରାଜ୍ୟର ୪ଟି ଜିଲାରେ ଶୀତ ଲହରି ଅନୁଭୂତ ହେବ। ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼ ଓ ବଲାଙ୍ଗୀରରେ ଶୀତ ଲହରି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିଲାଗି ସତର୍କ ରହିବାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବୁଗୁଡ଼ା,୨୧(ଡି.ଏନ.ଏ.): ବୁଗୁଡ଼ା ଥାନା ଅନ୍ତର୍ଗତ ପାଙ୍ଗିଡ଼ି ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ପାଙ୍ଗିଡ଼ି ଗ୍ରାମର ସନ୍ତୋଷ ଗୌଡ଼। ଶନିବାର ସନ୍ତୋଷଙ୍କ ପେଟବ୍ୟଥା ହୋଇଥିଲା। ହାତୀପାଦପଲ୍ଲୀ ଗ୍ରାମର ଦମ୍ପତି ନିରଞ୍ଜନ ଭୂୟାଁ ଓ ବିଷ୍ଣୁ ଭୂୟାଁ ପହଞ୍ଚି ଶନିବାର ସନ୍ଧ୍ୟାରେ ଏକ ଅଟୋ ଯୋଗେ ତାଙ୍କୁ ବୁଗୁଡ଼ା ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସା ହେବା ପରେ ସନ୍ତୋଷଙ୍କୁ ପାଙ୍ଗିଡ଼ିରେ ଛାଡି ସେମାନେ ଗ୍ରାମକୁ ପଳାଇଥିଲେ। ରବିବାର ଗୋଟାଏ ଯାଏ ସନ୍ତୋଷ ବାହାରକୁ ନ ବାହାରିବାରୁ ତାଙ୍କ ମା ଦେଖିବାକୁ ଗଲାବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ଖବର ପାଇ ବୁଗୁଡ଼ା ଥାନାଧିକାରୀ ଚିତ୍ତରଞ୍ଜନ ବେହେରା ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ଚଳାଇଛନ୍ତି।

### ବୁଗୁଡ଼ା ବ୍ଲକରେ ଧାନମଣ୍ଡି ଶୁଭାରମ୍ଭ

ବୁଗୁଡ଼ା,୨୧(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଗୋଲାବନ୍ଧ ସେବା ସମବାୟ ସମିତି ନିକଟ ଶୈବପୀଠରେ ଶୁକ୍ରବାର ବ୍ଲକସ୍ତରୀୟ ଧାନମଣ୍ଡି ଶୁଭାରମ୍ଭ ହୋଇଯାଇଛି। ଉକ୍ତ ଧାନମଣ୍ଡିକୁ ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ବିଡିଓ ତନ୍ମୟ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକଙ୍କ ସମେତ ତହସିଲଦାର ସଂଗ୍ରାମ କେଶରୀ ଜେନା, ଏଆରସିଏସ ଗୋପାଳ ପ୍ରୁସେଠ, ପ୍ରଶାସକ ପ୍ରମୋଦ ପଣ୍ଡା, ଏମ୍‌ଆଇ ଅମିତ ମହାନ୍ତି, ବ୍ଲକ ଅଧକ୍ଷା ମାମି ସେନାପତି, ବିକ୍ରମାଦିତ୍ୟ ଆରୁଖ ପ୍ରମୁଖ ଯୋଗଦେଇଥିଲେ। ପାଙ୍ଗିଡ଼ି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଷୋୟୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଗୋଲାବନ୍ଧ ସମିତିର ସମ୍ପାଦକ ରଞ୍ଜନ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ସମ୍ପାଦକ, ମିଲର, ଡିଇଓ ଏବଂ ଚାଷୀମାନେ ଉପସ୍ଥିତ ଥିଲେ।

### ଘୁମୁସର ଗବେଷଣା ପ୍ରତିଷ୍ଠାନ ବୈଠକ

ଭଞ୍ଜନଗର,୨୧(ଡି. ଏନ. ଏ.): ଘୁମୁସର ଗବେଷଣା ପ୍ରତିଷ୍ଠାନର ଏକ ବୈଠକ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ବାର୍ଷିକ ଉତ୍ସବ ସମେତ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ସଭାପତି ଡ. ସନ୍ତୋଷ କୁମାର ଆପଟ ବୈଠକରେ ଅଧକ୍ଷତା କରିଥିଲେ। ଉପଦେଷ୍ଟା ଡ. ଶ୍ୟାମାପ୍ରସାଦ ମିଶ୍ର ସଭାକୁ ସଂଯୋଜନା କରିଥିଲେ। ସମ୍ପାଦକ ଡ. ତପନ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡ. ଦାମୋଦର ଷଡ଼ଙ୍ଗୀ, ଅଶୋକ ସ୍ୱାଇଁ, ଡ. ରବୀନ୍ଦ୍ର ମିଶ୍ର, ସନ୍ତୋଷ ଜେନା, ଜଗବନ୍ଧୁ ଜେନା, ଡ. ଦେବେନ୍ଦ୍ର କୁମାର ରଥ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# 'ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଲେ ତାହା କାଳଜୟୀ'

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୫୬ ତମ ପ୍ରତିଷ୍ଠା ଦିବସ

ବ୍ରହ୍ମପୁର ଅଫିସ୍,୨୧



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ପଦ୍ମଶ୍ରୀ ହଳଧର ନାଗ, ବିଶିଷ୍ଟ କବି ରମାକାନ୍ତ ରଥ ଓ ଡା. ସଂଘମିତ୍ରା ପତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କୁଳପତି ଗୋବିନ୍ଦ ଜେ. ଚକ୍ରପାଣି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୬ତମ ପ୍ରତିଷ୍ଠା ଦିବସ ରବିବାର ବିଜୁ ପଟ୍ଟନାୟକ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୋବିନ୍ଦ ଜେ.ଚକ୍ରପାଣି ଅଧକ୍ଷତା କରିଥିଲେ। ପିଜି କାଉନ୍‌ସିଲ ଅଧକ୍ଷ ଡ.ପ୍ରତାପ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ଜଣେ ଆଦର୍ଶ ମନୁଷ୍ୟ ହିଁ ସବୁଠି ପ୍ରଶଂସିତ ହୋଇଥାଏ। ଯେଉଁ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ତାକୁ କାଳଜୟୀ ବୋଲି କୁହାଯାଏ। ପ୍ରତ୍ୟେକ କବି ଜଣେ ସ୍ରଷ୍ଟା ଓ ବ୍ରହ୍ମା ମଧ୍ୟ, ଯାହାର ବିରଳ ଉଦାହରଣ ହେଉଛି ଅତିବଡୀ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ । ଏହିଭଳି ଭାବେ ଅତୀତରେ ଓଡ଼ିଶା ମାଟିର ବହୁ ବରପୁତ୍ର ସୁନାମ ଅର୍ଜନ କରିଛନ୍ତି। ମୁଁ ବର୍ତ୍ତମାନ ସୁଦ୍ଧା ୩୦ ଖଣ୍ଡ ପୁସ୍ତକ ଲେଖି ସାରିଛି। ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବାରୁ ପଶ୍ଚିମ ଓଡ଼ିଶାବାସୀ ଭାବେ କୃତଜ୍ଞତା ଜଣାଉଛି। ଆଗାମୀ ଦିନରେ ବିଭିନ୍ନ ଭାଷାରେ ପୁସ୍ତକ ଲେଖିବା ପାଇଁ ଲକ୍ଷ୍ୟ ରଖିଥିବା ନାଗ କହିଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବୁଢ଼ା ବରଗଛ' ଓ 'ଚିଠିଟିଏ ଲେଖୁଛି' ଉନ୍ମୋଚନ କରାଯାଇଥିଲା।

ସେହିଭଳି ବିଶିଷ୍ଟ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ଅନୁସାରେ ମାନବୀୟ ପ୍ରୀତି ଓ ଈଶ୍ୱରଙ୍କ ଉପଲବ୍ଧି ଦୁଇଟି ଉପାଦାନ ମନୁଷ୍ୟ ଜୀବନକୁ ପରିପୁଷ୍ଟ କରେ ବୋଲି ରମାକାନ୍ତ କହିଥିଲେ। ସେହିପରି ଯୋଡିଶଙ୍କ ସମେତ ରଣପା, ଚଢ଼େୟା ନୃତ୍ୟ ସମେତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ ବିଶାରଦ ରାଜେନ୍ଦ୍ର ମହାପାତ୍ରଙ୍କୁ ଦକ୍ଷିଣ ଓଡ଼ିଶା ଲୋକସଂସ୍କୃତି ସମ୍ମାନ, ଲୁପ୍ତପ୍ରାୟ କୋୟା ନୃତ୍ୟର ପ୍ରଚାର ପ୍ରସାର କରିଥିବା ଶାନ୍ତି କବାସୀଙ୍କୁ ସମ୍ମାନିତ କରାଯାଇଥିଲା। ଲୋକନୃତ୍ୟର ବିଶିଷ୍ଟ ଲେଖକ, ନିର୍ଦ୍ଦେଶକ ଓ ପ୍ରଯୋଜକ ଭାବେ ମନ୍ମଥ କୁମାର ଶତପଥୀଙ୍କୁ ଅଙ୍ଗବସ୍ତ୍ର ଓ ବିଶିଷ୍ଟ କବି କୃଷ୍ଣ ଚନ୍ଦ୍ର ତ୍ରିପାଠୀଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରତିଭାବାନ ବ୍ୟକ୍ତି ଭାବେ ମୃତ୍ୟୁଞ୍ଜୟ ମହାପାତ୍ର ଓ କରୋନା ମହାମାରୀ ସମୟରେ ଆଗଧାଡିର କୋଭିଡ୍ ଯୋଦ୍ଧା ଓ ସଚେତନତାର ବାର୍ତ୍ତା ପହଞ୍ଚାଇଥିବା ଡାକ୍ତର ସଂଘମିତ୍ରା ପତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୁମ୍‌ନି ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ନିମନ୍ତେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଛାତ୍ର ପ୍ରମୋଟେଶ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ଲୋଗୋ ଉନ୍ମୋଚନ ହୋଇଥିଲା। ଏଥିସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର ଅରୁନ୍ଧତୀ ରଥଙ୍କ ସମେତ ୧୨ ଜଣ ଶିକ୍ଷକ ଓ ଅଣ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ତତ୍‌ସହିତ ୩ ଜଣଙ୍କୁ ଶ୍ରେଷ୍ଠ ରିସର୍ଚ୍ଚ ସ୍କଲାର, ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୬ ଅଣ ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଆନ୍ତଃ ମହାବିଦ୍ୟାଳୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଷ୍ଣୁ ଚରଣ ଚୌଧୁରୀ, ବ୍ରହ୍ମପୁର ଆକାଶବାଣୀ ପୂର୍ବତନ ସହନିର୍ଦ୍ଦେଶକ ଡ.ହୃଷୀକେଶ ପାଣିଗ୍ରାହୀ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ପୂର୍ବତନ ଅଧକ୍ଷ ସୁବାସ ମହାରଣା,ପୂର୍ବତନ ବିଧାୟକ ଡ.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ଅଭିଯୁକ୍ତ କୋର୍ଟ ଚାଲାଣ

### ମଦ ପାଇଁ ଟଙ୍କା ନ ଦେବାରୁ ହତ୍ୟା ଉଦ୍ୟମ ଘଟଣା

ବ୍ରହ୍ମପୁର ଅଫିସ,୨୧

ନୂଆବର୍ଷର ପ୍ରଥମ ଦିନରେ ମଦ ପିଇବା ପାଇଁ ଟଙ୍କା ନ ଦେବାରୁ ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ବ୍ରହ୍ମପୁର ସଦର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ମାମଲା ନମ୍ବର ୦୧/୨୨ରେ ଅଭିଯୁକ୍ତ ଜଗଦଳପୁରର ପିଣ୍ଟୁ ଦାସ (୨୬)ଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା କୋର୍ଟ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ଶନିବାର ମଧ୍ୟାହ୍ନ ପ୍ରାୟ ୧୨ ଟାରେ ବି.କମାପଲି ଗ୍ରାମର ବୁଲୁ ଦାସ ଜଗଦଳପୁର ନିକଟ କଲୁଆ ମନ୍ଦିର ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ପିଣ୍ଟୁ ମଦ ପିଇବା ପାଇଁ ବୁଲୁଙ୍କୁ ୫୦ ଟଙ୍କା ମାଗିଥିଲେ। ହେଲେ ସେ ଟଙ୍କା ଦେବା ପାଇଁ ମନା କରି ଦେଇଥିଲେ। ଏଥିରେ ପିଣ୍ଟୁ ଉତ୍ତ୍ୟକ୍ତ ହୋଇ ନିକଟରେ ପଡିଥିବା ଏକ ଇଟାରେ ବୁଲୁଙ୍କ ମୁଣ୍ଡ ଉପରେ ଚେଚ୍ଛି ଦେଇଥିଲେ। ଫଳରେ ସେ ଆହତ ହୋଇଥିଲେ।

## ଲୁଟ ଘଟଣାରେ ଜଣେ ଗିରଫ, ୪୯ ହଜାର ଜବତ

ଖଲ୍ଲିକୋଟ,୨୧(ଡି.ଏନ.ଏ.)

ଖଲ୍ଲିକୋଟ ଥାନା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଲଙ୍ଗଳେଶ୍ୱର ବଜାରରେ ଥିବା ଏସ୍‌ବିଆଇ ବ୍ୟାଙ୍କ ଶାଖାରୁ ଡିସେମ୍ବର ୨୨ରେ ଲୁଟ୍ ହୋଇଥିବା ଘଟଣାରେ ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଆସ୍କା ଥାନା ପାକଲାପଲି ମରାଠୀ ସାହିର ଏମ୍.ରାଇଡ଼। ମା' କାଳୀଜାଈ ସ୍ୱୟଂ ସହାୟିକା ସଂଘର ସଭାପତି ରଶ୍ମିତା ପ୍ରଧାନ ତାଙ୍କ ସହଯୋଗୀମାନଙ୍କ ସହ ଲଙ୍ଗଳେଶ୍ୱର ବ୍ୟାଙ୍କ ଶାଖାରୁ ୪୯ ହଜାର ଟଙ୍କା ଉଠାଇ ଆସୁଥିବା ବେଳେ ବ୍ୟାଙ୍କ ସମ୍ମୁଖରୁ ଏକ ଆପାଚି ଗାଡ଼ିରେ ଦୁଇ ଜଣ ଦୁର୍ବୃତ୍ତ ଆସି ରଶ୍ମିତାଙ୍କ ଟଙ୍କା ବ୍ୟାଗ ଝାମ୍ପି ନେଇଥିଲେ। ଏ ନେଇ ଭେଜିପୁଟ ଫାଣ୍ଡିରେ ନଂ. ୭୬୪/୨୧ ମାମଲା ରୁଜୁ କରି ପୋଲସ ତଦନ୍ତ ଚଳାଇଥିଲା। ରବିବାର ଆଡଶିନାଲ ଆଇଆଇସି ପି.ସ୍ୱରୂପ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଟିମ ଚଢ଼ାଉ କରି ଏମ.ରାଇଡ଼ୁଙ୍କୁ ଧରିବା ସହ ତାଙ୍କଠାରୁ ୪୯ ହଜାର ଟଙ୍କା ଜବତ କରିଛି।

# ଗଳ୍ପ ପୁସ୍ତକ ପାପୁଲି ଓ କର୍ଣ୍ଣ ଲୋକାର୍ପିତ



ଅତିଥିଙ୍କ ଦ୍ୱାରା ଗଳ୍ପ ପୁସ୍ତକ ଲୋକାର୍ପିତ।

ବ୍ରହ୍ମପୁର ଅଫିସ୍,୨୧

ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ଗଞ୍ଜାମ କଳା ପରିଷଦଠାରେ ରବିବାର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସମ୍ପାଦକ ଡ.ଲକ୍ଷ୍ମୀ ନାରାୟଣ ଦାଶ ଅଧକ୍ଷତା କରିଥିଲେ। ସଂସଦ ସଭାପତି ଉମାଚରଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆଞ୍ଚଳିକ ଉଚ୍ଚଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ସୁଶାନ୍ତ ଦାଶ ଯୋଗ ଦେଇଥିଲେ। ସମୀକ୍ଷକ ଭାବେ ସାମନ୍ତିଆପଲୀ ଭରତପତି ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ.ଅଶୋକ କୁମାର ପଣ୍ଡା ଓ ମୋହନା ହିଲଟପ ମହାବିଦ୍ୟାଳୟ ଇଂଲିଶ ବିଭାଗ ଅଧ୍ୟାପକ ଡ.ପ୍ରଣବାନନ୍ଦ ପାଢୀଯୋଶୀ ଯୋଗ ଦେଇଥିଲେ। ଏହି ଆସରରେ କଥାକାର ଲଳିତ କୁମାର ସ୍ୱାଇଁଙ୍କ ଗଳ୍ପ ପୁସ୍ତକ ପାପୁଲିରେ ଲୋକାର୍ପଣ ହୋଇଥିଲା। ଏହି ଗଳ୍ପରେ ସାମାଜିକ ସଚେତନତା ଓ ସାଂପ୍ରତିକ ବିଷୟ ବସ୍ତୁ ଓ ଚରିତ୍ରକୁ ନେଇ ଲିଖିତ ହୋଇଛି। ଏହି ଆସରର ଦ୍ୱିତୀୟ ଅଧିବେଶନରେ ବିଘ୍ନେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ସୌଦାମିନୀ ମିଶ୍ର ଓ ଲୋକନାଥ ନାୟକ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେଙ୍କଟ ବିହାରୀ ପ୍ରହରାଜ, ଡ.ରଘୁନାଥ ପାଠି ଶର୍ମା, ବନ୍ଦନା ପଣ୍ଡା, ବଂଶୀଧର ସେଠୀ, ଇ.ପ୍ରଫୁଲ୍ଲ ତ୍ରିପାଠୀ, ଗାୟତ୍ରୀ ପାଣିଗ୍ରାହୀଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ କବୟିତ୍ରୀ ଉପସ୍ଥିତ ଥିଲେ।

## ଡୁଡା, ୧୭ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କ ଆକାଉଣ୍ଟ ଯାଞ୍ଚ ଲାଗି ଟୁଇଟର୍‌କୁ ଜିଲ୍ଲାପାଳଙ୍କ ଚିଠି

ଛତ୍ରପୁର, ୨୧(ଡି.ଏନ.ଏ.)



DISTRICT URBAN DEVELOPMENT AGENCY (DUDA), GANJAM
CHATRAPUR, ODISHA

Letter No. .... /DUDA Dated ....

To
Parag Agrawal
Chief Executive Officer
Twitter, India

Sub: Verification request of Twitter Account of District Urban Development Agency (DUDA) along with 17 ULB'S of Ganjam District

Dear Sir,
With reference to the subject cited above, I am to draw your attention that DUDA and 17 ULB's are using Twitter Accounts (details enclosed at Annexure-A) to publicize the day to day activities of different flagship schemes and to address different type of grievances highlighted by the local habitants. Our aim is to use this platform as public interaction tool and aware about schemes of Govt. initiated for greater benefit of the ULB habitants. In addition to this all 17 ULBs of Ganjam district are also following the steps to interact with public. Hence it is pertinent to authenticate the Twitter Accounts of DUDA and ULBs for better reach to the local habitants.
I would therefore request you to kindly verify our accounts for obtaining Blue Tick. This shall affect the procedure of functioning of urban administration in a very positive mode.

Encl: As above

Yours Faithfully,
Collector & District Magistrate
DUDA,Ganjam

ଜିଲ୍ଲାପାଳଙ୍କ ଚିଠି।

ଗଞ୍ଜାମ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା(ଡୁଡା), ହିଞ୍ଜିଳି ମ୍ୟୁନିସିପାଲିଟି, ୧୬ ଏନ୍‌ଏସିର ଟୁଇଟର ଆକାଉଣ୍ଟ ଜନସାଧାରଣଙ୍କ ଅଭିଯୋଗ, ମତାମତ, ସମସ୍ୟା ତ୍ୱରାନ୍ୱିତ ଉଦ୍ଦେଶ୍ୟରେ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ କେତେକଙ୍କ ଆକାଉଣ୍ଟ ଥିଲେ ବି ଆକ୍ଟିଭ ରହୁ ନ ଥିବା ଦେଖିବାକୁ ମିଳୁଥିଲା। ଉକ୍ତ ଟୁଇଟର ଆକାଉଣ୍ଟ ଯାଞ୍ଚ କରିବା ସହ ପ୍ରକୃତରେ ଏହା କାର୍ଯ୍ୟକାରୀ ହେଉଛି କି ନାହିଁ ସେ ସମ୍ପର୍କରେ ଜିଲ୍ଲାପାଳ ଜାଣିବାକୁ ଚାହିଁଛନ୍ତି । ଗଞ୍ଜାମ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା ), ହିଞ୍ଜିଳି ମ୍ୟୁନିସିପାଲିଟି, ୧୬ ଏନ୍‌ଏସିର ଟୁଇଟର ଆକାଉଣ୍ଟଗୁଡିକର ଏକ ତାଲିକା ସଂଲଗ୍ନ କରି ଏହାର ଯାଞ୍ଚ କରିବାକୁ ଟୁଇଟର( ଭାରତ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପରାଗ ଅଗ୍ରୱାଲଙ୍କୁ ଅନୁରୋଧ କରି ଚିଠି ପଠାଇଛନ୍ତି । ଏହାଦ୍ୱାରା ସହରାଞ୍ଚଳ ପ୍ରଶାସନ ପଜିଟିଭ ମୋଡ୍‌ରେ ନିୟମ କାର୍ଯ୍ୟକାରୀରେ ପ୍ରଭାବ ପଡିପାରିବ ବୋଲି ଜିଲ୍ଲାପାଳ ଉକ୍ତ ଚିଠିରେ ଦର୍ଶାଇଛନ୍ତି। ଏହି ଟୁଇଟର ଆକାଉଣ୍ଟରେ ଦୈନିକ ବିଭିନ୍ନ ଯୋଜନା, ନିୟମ ସମ୍ପର୍କରେ ସହରାଞ୍ଚଳ ଜନସାଧାରଣଙ୍କୁ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା(ଡୁଡା), ହିଞ୍ଜିଳି ମ୍ୟୁନିସିପାଲିଟି, ୧୬ ଏନ୍‌ଏସି ଜଣାଇବା ଯୋଜନା ରହିଛି। ଏଥିସହ ସହରାଞ୍ଚଳର ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଉକ୍ତ ଟୁଇଟର ଆକାଉଣ୍ଟରେ ଜାଣିବା ସହ ଏହାର ସମାଧାନ ସମ୍ପର୍କରେ ଜଣାଇବା ଲକ୍ଷ୍ୟ ରହିଛି ।

## ନୂଆ କୋର୍ଟ ବିଲ୍‌ଡିଂ ଲାଗି ଜମି, ସମ୍ମିଳନୀ ଗୃହ

### ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କୁ ଭେଟିଲା ଓକିଲ ସଂଘ

ଛତ୍ରପୁର, ୨୧(ଡି.ଏନ.ଏ.)

ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଛତ୍ରପୁର ଓକିଲ ସଂଘର ଏକ ପ୍ରତିନିଧି ମଣ୍ଡଳୀ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଛତ୍ରପୁର ଓକିଲ ସଂଘ ସମ୍ମିଳନୀ ଗୃହ ନିର୍ମାଣ ଲାଗି ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ନୂଆ କୋର୍ଟ ବିଲ୍‌ଡିଂ ନିର୍ମାଣ ପାଇଁ ଜମି ଯୋଗାଇଦେବାକୁ ଛତ୍ରପୁର ଉପଜିଲ୍ଲାପାଳ ନୀଳମାଧବ ଭୋଇଙ୍କୁ ଭେଟି ଓକିଲ ସଂଘ ପକ୍ଷରୁ ଅବଗତ କରାଯାଇଥିଲା। ଜାତୀୟ ରାଜପଥ ପାର୍ଶ୍ୱରେ ଜମି ଚିହ୍ନଟ ପାଇଁ ଛତ୍ରପୁର ତହସିଲଦାରଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସୂଚନା ଦିଆଯାଇଛି। ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ ପାଢ଼ୀଙ୍କ ନେତୃତ୍ୱରେ ଯାଇଥିବା ଉକ୍ତ ପ୍ରତିନିଧିମଣ୍ଡଳୀରେ ପୂର୍ବତନ ଓକିଲ ସଂଘ ସଭାପତି ରାମ ଚନ୍ଦ୍ର ବେହେରା, ଓକିଲ ଏଲ୍. ଗୋପାଳ ରାଓ, ସୁରେଶ ପଣ୍ଡା, ଲିଙ୍ଗରାଜ ପଟ୍ଟନାୟକ, ଗଙ୍ଗାଧର ପଣ୍ଡା, ଭୈରବ ପଟ୍ଟନାୟକ ଓ କାଳୀପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ବାପ-ପୁଅ ଆହତ

ବୁଗୁଡ଼ା,୨୧(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ମାଣିତରା ରାସ୍ତାର ପଙ୍କଳସାହି କ୍ରସର ନିକଟରେ ଦୁର୍ଘଟଣା ଘଟି ବାପ ଓ ପୁଅ ଆହତ ହୋଇଛନ୍ତି। ସେମାନେ ହେଲେ ମକରାପଲ୍ଲୀ ଗ୍ରାମର କବି ନାୟକ ଓ ତାଙ୍କ ପୁଅ କୈଳାସ। ଉଭୟେ ଏକ ବାଇକ ଯୋଗେ ବୁଗୁଡ଼ାରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଏକ କଲଭର୍ଟରେ ପିଟି ହୋଇଯାଇଥିଲେ। ଉଭୟଙ୍କୁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ କବିଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ଖ୍ୱଟିଂରୁ ଶହେ ପଥରଶିଳ୍ପୀ ପଠାଇଥିଲେ ମୟୂରଭଞ୍ଜ ରାଜା

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

- କେରାଣ୍ଡିମାଳରୁ ପଥର ଆସିଥିଲା ଋଷିକୁଲ୍ୟା ନଦୀପଥରେ
- ବଡ଼ମ୍ବା-ନରସିଂହପୁରରୁ ଆସିଥିଲା ୧୮ ହାତିଆ ପଥର



ବିଶ୍ୱନାଥ ମୁଣ୍ଡିଆ ଏବଂ ଏହାର ନିକଟରେ ଏବେ ସ୍ଥାପିତ ମନ୍ଦିର।
(ଫଟୋ: ରଶ୍ମିରଞ୍ଜନ ପ୍ରଧାନ, ଡେଲାଙ୍ଗ)

ଗତ ସଂଖ୍ୟାରେ ଆମେ ପାଞ୍ଚଟି ସ୍ଥାନରୁ ପଥର ଆସିବା କଥା ପୋଥି ଆଧାରରେ ଆଲୋଚନା କରିଥିଲେ। ପଥର ଆସି କୋଣାର୍କଠାରେ ପହଞ୍ଚିବା ପର୍ଯ୍ୟନ୍ତ କିପରି ୫ ପ୍ରକାର ଗୋଷ୍ଠୀ ପ୍ରବଳ ପରିଶ୍ରମ କରି କାର୍ଯ୍ୟକୁ ସଫଳ କରନ୍ତି ତାହା ଜାଣିଲେ। ଏମାନେ ସମସ୍ତେ ପାଉଣା ତ ନେଉଥିଲେ, କିନ୍ତୁ ଯେଉଁ ନିଷ୍ଠାରେ ଗୋଟାଏ ଜାତିର ଗୌରବମୟ ଐତିହ୍ୟକୁ ସାକାର କରିବା ପାଇଁ ଦୃଢ଼ ନିଶ୍ଚୟ ଥିଲେ ତାହା ଶିକ୍ଷା କରିବା କଥା। ଯେଉଁଠାରୁ ପଥର ସବୁ ଆସୁଥିଲା ତଥା ଯେଉଁମାନେ ଜଳପଥରେ ଆଣୁଥିଲେ ସେମାନଙ୍କ ବିଷୟରେ ଆଲୋଚନା କରିବାର ଉଦ୍ଦେଶ୍ୟ ଏମାନେ କେହି ବି ବାହାରିଆ ଲୋକ ନ ଥିଲେ, ଆମ ମନ୍ଦିର ନିର୍ମାଣ ଓ ପ୍ରସ୍ତୁତିକୁ ଯେଉଁମାନେ ଟାହି ଟାପରା କରି ଲେଖିଥିଲେ ଏବଂ ଏକ ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କରିଥିଲେ ଯେ ଓଡ଼ିଆମାନେ ପଦ୍ମତୋଳା ଗଣ୍ଡରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରି ନ ଥିଲେ, ସେଇ ଧାରଣାକୁ ନିରାଧାର କରିବାର ପ୍ରୟାସ।

ଓଡ଼ିଶାର ସବୁବର୍ଗର ଲୋକଙ୍କୁ ଗଜପତି ଏକାଠି କରିବାକୁ ପଦକ୍ଷେପ ନେଇଥିଲେ। ନଇଲେ ଭଞ୍ଜକୁଳର ଚନ୍ଦ୍ରମା ମୟୂରଭଞ୍ଜର ରାଜା ଶ୍ରୀଚକ୍ରଧର ଭଞ୍ଜ ୧୦୦ ଖ୍ୱଟିଂ ପଥର ପଠାଇଥାନ୍ତେ କାହିଁକି! ଏହି ପଥର ମହାନଦୀ ଜଳପଥ ଦେଇ କୋଣାର୍କରେ ପହଞ୍ଚିଥିଲା। ଶହେ ପଥର ସହିତ ସେ ଶହେ ଖ୍ୱଟିଂର ଶିଳ୍ପୀ ମଧ ପଠାଇଥିଲେ। ଚାପବାହାକଙ୍କୁ ସମ୍ମାନର ସହ ଏକଯୋଡ଼ା ଲେଖାଏଁ ଧୋତି ଦିଆଯାଇଥିଲା କୋଣାଦିତ୍ୟ ଭଣ୍ଡାରରୁ।

ସେ ସମୟରେ ପର୍ଯ୍ୟଙ୍ଗ ଅଞ୍ଚଳ କହିଲେ ମହାନଦୀଠାରୁ ଡେଲାଙ୍ଗ ଅଞ୍ଚଳ ଦେଇ ଚିଲିକା ପର୍ଯ୍ୟନ୍ତ ବୁଝାଯାଉଥିଲା। ଅଞ୍ଚଳର ନାୟକଙ୍କୁ 'ପର୍ଯ୍ୟଙ୍ଗ ନାୟକ' କୁହାଯାଉଥିଲା। ସେ ଜଗଦଳ ପାହାଡ଼ରୁ ପଠାଇଲେ ୬୦ ହଜାର ୩୮୨ ଖଣ୍ଡ ପଥର, ଦୁଇଜଣ ବୋହିପାରୁଥିବା ପଥରଖଣ୍ଡ। ଆମେ ଜଗଦଳପାହାଡ଼ ଅନୁସନ୍ଧାନରେ ଯାଇଥିଲୁ। ଏହି ପଥର ନିଶ୍ଚିତ ଦୟାନଦୀ ଜଳପଥରେ ଆସିଥିବ ଆମର ବିଶ୍ୱାସ ହେଲା। ବିରାଟ ପାହାଡ଼ ଥିଲା। ଚାରିପଟୁ ପଥରକଟା ଆଜି ବି ଚାଲିଛି। ପାହାଡ଼ର ଉତ୍ତର-ପଶ୍ଚିମ କୋଣ ଦେଇ ଦୟାନଦୀ ପ୍ରବାହିତ। କୋଣାର୍କକୁ ପଥର ଆସିବାରେ ଏହା ଥିଲା ସପ୍ତମ ସ୍ଥାନ।

ନରସିଂହଦେବଙ୍କ ୭ମ ଅଙ୍କରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା। ୯ମ ଅଙ୍କରେ କେରାଣ୍ଡିମାଳରୁ ପଥର ଆସିଲା ଋଷିକୂଲ୍ୟା ନଦୀପଥରେ। ସାତଶହ ପଥର ଚାପ ଏବଂ ନୌକାରେ ଆସିଥିଲା କୋଣାର୍କକୁ।

ଜଗଦଳପାହାଡ଼ ଏବେ ବିଶ୍ୱନାଥ ପାହାଡ଼ ଭାବରେ ପରିଚିତ ହେଉଛି। ହାରାହାରି ଆଠଶହ ବର୍ଷ ମଧ୍ୟରେ ପାହାଡ଼କୁ ଏକ ମୁଣ୍ଡିଆ ସ୍ତରକୁ ଆମେ ଆଣି ପହଞ୍ଚେଇ ଦେଇଛେ। ପାହାଡ଼ ତଳେ ଥିବା ଗାଁର ନାମ ଏବେ ବି ଜଗଦଳପୁର ଅଛି। ବିଶ୍ୱନାଥ ପାହାଡ଼ରୁ ପୁଣି ଥରେ ୭୦ଟି ଆବୁଡ଼ାଖାବୁଡ଼ା ପଥର ଆସିଥିଲା। ପୋଥିରେ ସ୍ପଷ୍ଟ ଲେଖାଯାଇଛି- ଦୟାନଦୀରେ ଚାପ ଥିଲା। ଚାପ ଦଳେଇ ସେଗୁଡ଼ିକୁ ଚାପରେ ଲଦି ମହାନଦୀକୁ ଆଣିବା ପରେ କୋଣାର୍କ ଅଭିମୁଖେ ଆସିଥିଲା।

ମହାନଦୀରୁ ପଥରବୋଝେଇ ଚାପ ସୋଲ ନଦୀ ଗଣ୍ଡରେ ପହଞ୍ଚିଥିଲା। ସେଇ ଗଣ୍ଡରୁ ଏକ ଉଦିପୁର ଦଣ୍ଡା (କେନାଲ) କୋଣାର୍କ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିଲା। କେନାଲ ଦେଇ ପଥର ପହଞ୍ଚିବା ପରେ ଶଗଡ଼ିଆ ବୋହି ଆଣିଥିଲେ ପଥରଖଳାକୁ।

ପଥର ଆଣିବା ପାଇଁ ନରସିଂହପୁର ଗଡ଼କୁ (ବଡ଼ମ୍ବା-ନରସିଂହପୁର) ଯାଇଥିଲେ ମୁକୁନ୍ଦ ମହାପାତ୍ର ଓ ରାଧୁ ପଥୁରିଆ। ନରସିଂହପୁର ବଣଜଙ୍ଗଲ ଘେରା ଖଣିରୁ ପଥର ପଠାଇବା ପାଇଁ ସେଠାକାର ପଥରକଟୁଆଳଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଥିଲା। ବଡ଼ମ୍ବା-ନରସିଂହପୁରର ବାଣେଶ୍ୱର ନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବଡ଼ ବଡ଼ ପଥର ଆସିଥିଲା। ବଡ଼ ପଥର କାଟିବା ପାଇଁ ସ୍ୱତନ୍ତ୍ର ସୁନାମାଢ଼ ମଧ୍ୟ ଖର୍ଚ୍ଚ ହୋଇଥିଲା।

ପଥର ଆସିଲାବେଳେ ଅଘଟଣ ବି ଘଟିଛି। ଅଠରହାତ ଲମ୍ବା ବଡ଼ ବଡ଼ ପଥର ସିଦ୍ଧିଦୁର୍ଗା ପାହାଡ଼ରୁ କଟାଯାଇ ଚାପରେ ଅଣାଯିବା ସମୟରେ ବାତ୍ୟା ଆରମ୍ଭ ହୋଇଯାଇଥିଲା। ଚାପଟି ନଦୀରୁ ବାହାରି କୋଣାର୍କକୁ ଲମ୍ବିଥିବା କେନାଲରେ ପହଞ୍ଚିଯିବା ପରେ ଚାପ ବୁଡ଼ିଗଲା। ବୁଡ଼ାଳିମାନେ ପଥରରେ ଦଉଡ଼ି ବାନ୍ଧି ତିନୋଟି ହାତୀ ଦ୍ୱାରା ପଥରକୁ ଉପରକୁ ଉଠେଇଥିଲେ। ଗୋଟିଏ ଗୋଟିଏ ପଥରକୁ ଉଠେଇବା ଅତ୍ୟନ୍ତ କଷ୍ଟକର ଥିଲା। ତେଣୁ ଦଶ ଦିନ ଲାଗିଗଲା ସବୁ ପଥର କୂଳରେ ଲାଗିବାକୁ। ପାଣିରେ ପହଁରି ପହଁରି ଯାଇ ପାଣି ଭିତରକୁ ବୁଡ଼ି ପଥର ଚାରିପଟେ ଚଉକସ କରି ଦଉଡ଼ି ବାନ୍ଧିବା ସହଜ କଥା ନୁହେଁ। ଅସମ୍ଭବ ଲାଗୁଥିବା ଏହି କାର୍ଯ୍ୟକୁ ଯିଏ ସାହସର ସହିତ ତୁଲାଇଥିଲେ ସେ ଥିଲେ ଜଗୁନି ପଥୁରିଆ। ଧନ୍ୟ କହିବା ତାଙ୍କୁ।

